# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 October – 2025

**********************************

## ମୁଖ୍ୟ ସମ୍ବାଦ

- ଚଳିତ ବର୍ଷ ରାଜ୍ୟରେ ୧୫ ହଜାର ଓ ଆଗାମୀ ତିନି ବର୍ଷ ମଧ୍ୟରେ ୪୫ ହଜାର ଶିକ୍ଷକଙ୍କୁ ସରକାର ଦେବେ ନିଯୁକ୍ତି
- ଏକବିଂଶ ଶତାବ୍ଦୀରେ ଜ୍ଞାନଭିତ୍ତିକ ବୈଶ୍ୱିକ ଅର୍ଥନୀତିର ନେତୃତ୍ୱ ନେବ ଭାରତ; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

– ବିକଶିତ ଭାରତ ବିଲ୍ଡାଥନ-୨୦୨୫କୁ କଲେ ଉଦ୍‌ଘାଟନ

- ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

ଏବଂ

- ରାଜ୍ୟରୁ ଆଜିଠାରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ନେଇ ପାଗ ଅନୁକୂଳ

BBSR/R

# ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ

ଜାତୀୟ ଶିକ୍ଷାନୀତି-୨୦୨୦ର ଠିକ୍ ଅନୁପାଳନ କରାଯାଇ ଚଳିତ ବର୍ଷ ରାଜ୍ୟରେ ୧୫ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପୁରୀଠାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀ ସଦାଶିବ କ୍ୟାମ୍ପସ ପରିସରରେ ଜାତୀୟ ଶିକ୍ଷାନୀତି-୨୦୨୦ ସଂପର୍କରେ ଭାରତୀୟ ଜ୍ଞାନ ପରମ୍ପରା ଆଲୋଚନାଚକ୍ରରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ନୂଆ ସରକାରରେ ଠିକାରେ ଶିକ୍ଷକ ନିଯୁକ୍ତି କରାଯିବ ନାହିଁ, ଆଗାମୀ ୩ ବର୍ଷରେ ୪୫ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ବୈଠକରେ ମୁଖ୍ୟମନ୍ତ୍ରୀ ଜାତୀୟ ଶିକ୍ଷାନୀତି-୨୦୨୦ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଭାରତୀୟ ଜ୍ଞାନ ପରମ୍ପରାର ଆବଶ୍ୟକତା ଉପରେ ମତ ଉପସ୍ଥାପନା କହିଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ ବୃନ୍ଦାବତୀ ନିବାସ ହବିଷ୍ୟାଳୀ କେନ୍ଦ୍ରରେ ହବିଷ୍ୟାଳୀମାନଙ୍କ ସହ ମଧ୍ୟ ଭାବ ବିନିମୟ କରିଛନ୍ତି।

# ପ୍ରଧାନ- ବିକଶିତ ଭାରତ ବିଲ୍ଡାଥନ

ଭାରତ କେବଳ ଉତ୍ପାଦନ-ଭିତ୍ତିକ ଅର୍ଥନୀତି ମାଧ୍ୟମରେ ଏକ ବିକଶିତ ରାଷ୍ଟ୍ର ହୋଇପାରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ବିକଶିତ ଭାରତ ବିଲ୍ଡାଥନ୍-୨୦୨୫କୁ ଆଜି ନୂଆଦିଲ୍ଲୀରେ ଉଦଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି, ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନ-ଆଧାରିତ ଶତାବ୍ଦୀ। ଭାରତ ଏହି ଜ୍ଞାନଭିତ୍ତିକ ବୈଶ୍ୱିକ ଅର୍ଥନୀତିର ନେତୃତ୍ୱ ନେବାକୁ ଯାଉଛି। ଏକ ବିକଶିତ ରାଷ୍ଟ୍ର ଗଠନ ପାଇଁ ଭାରତକୁ ଏକ ସ୍ୱଷ୍ଟ ଦୃଷ୍ଟିକୋଣ, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ସୂଚନା ଓ ପ୍ରଯୁକ୍ତି ପରିଚାଳିତ ସମାଧାନର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

**- V/O -**

ବିଲ୍ଡାଥନରେ ଦେଶର ୩ ଲକ୍ଷରୁ ଅଧିକ ସ୍କୁଲ ଓ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଆଭାସୀ ମାଧ୍ୟମରେ ଭାଗ ନେଇଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଅଟଳ ନବସୃଜନ ମିଶନ ଏବଂ ନୀତି ଆୟୋଗର ସହଯୋଗରେ ଆୟୋଜିତ ଏହି ଦେଶବ୍ୟାପୀ କାର୍ଯ୍ୟକ୍ରମରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସୃଜନଶୀଳତା ଏବଂ ସମସ୍ୟା ସମାଧାନ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ସଶକ୍ତ କରିବାକୁ ବିଦ୍ୟାଳୟ ଓ ଶିକ୍ଷକମାନଙ୍କୁ ଆମନ୍ତ୍ରଣ କରାଯାଇଛି। କାର୍ଯ୍ୟକ୍ରମ ଜରିଆରେ

ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିର୍ଭର ଭାରତ, ସ୍ୱଦେଶୀ, ଭୋକାଲ୍ ଫର୍ ଲୋକାଲ ଏବଂ ସମୃଦ୍ଧ ଭାରତ ଉପରେ ଧ୍ୟାନ କେନ୍ଦ୍ରିତ କରି ନବସୃଜନ ସଂସ୍କୃତିର ସୁଦୃଢ଼ ପାଇଁ ଲକ୍ଷ୍ୟ ରଖାଯାଇଛି।

BBSR/R

## କୁକୁର ଗଣନା

ଭୁବନେଶ୍ୱର ମହାନଗର ନିଗମ– ବିଏମ୍‌ସି’ରେ ମୋଟ୍ ୪୭ ହଜାର ୧୨୬ଟି ବୁଲା କୁକୁର ଅଛନ୍ତି ବୋଲି ବିଏମ୍‌ସି ପକ୍ଷରୁ କରାଯାଇଥିବା କୁକୁର ଗଣନା ରିପୋର୍ଟରୁ ଜଣାପଡ଼ିଛି। ଗତ ସେପ୍ଟେମ୍ବର ୧୮ରୁ ୨୫ ତାରିଖ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ବିଏମ୍‌ସି ଅଞ୍ଚଳରେ ବୁଲା କୁକୁର ଗଣନା କରାଯାଇଥିଲା। ୬୭ଟି ଓ୍ୱାର୍ଡର ସମସ୍ତ ଗଳିକନ୍ଦିରେ ୪୧୦ଟି ଟିମ୍ ଗଠନ କରାଯାଇ କୁକୁର ଗଣନା କରାଯାଇଥିଲା। ତଥ୍ୟ ଅନୁଯାୟୀ, ଭୁବନେଶ୍ୱର ଜନସଂଖ୍ୟା ତୁଳନାରେ ବୁଲା କୁକୁରଙ୍କ ସଂଖ୍ୟା ୩ ଦଶମିକ ୬/୨ ପ୍ରତିଶତ ରହିଛି, ଯାହାକି ଜାତୀୟ ସ୍ତରୀୟ ସଂଖ୍ୟା ତୁଳନାରେ ଭୁବନେଶ୍ୱରର ବୁଲା କୁକୁର ସଂଖ୍ୟା ଅଧିକ ଥିବା ଜଣାପଡ଼ିଛି।

Nuapada

# ବିଜ୍ଞପ୍ତି-ଉପନିର୍ବାଚନ

ନୂଆପଡ଼ା ଉପନିର୍ବାଚନ ପାଇଁ ଆଜି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରାର୍ଥୀମାନେ ଆଜିଠାରୁ ୨୦ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର

ଦାଖଲ କରିପାରିବେ । ଆସନ୍ତା ମାସ ୧୧ ତାରିଖରେ ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବା ସହ ୧୪ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ । ଉପନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କରାଯାଇଛି । ତେବେ ବିଜେପି ଓ ବିଜେଡ଼ି ପକ୍ଷରୁ ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନାହିଁ ।

ନୂଆପଡ଼ାର ୩୫୮ଟି ବୁଥ୍‌ରେ ମତଦାନ ଗ୍ରହଣ କରାଯିବ। ୪୭ଟି ସମ୍ବେଦନଶୀଳ ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ କରାଯିବ ବୋଲି ବିଧାନସଭା ଉପନିର୍ବାଚନ ରିଟର୍ଣ୍ଣିଂ ଅଧିକାରୀ ସୁର୍ମି ସୋରେନ୍ କହିଛନ୍ତି। ଅବଶିଷ୍ଟ ୩୧୧ଟି ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ନେଇ ନିର୍ବାଚନୀ ସଂକ୍ରାନ୍ତ ନୋଟିସ୍ ଜାରି କରାଯାଇଛି। ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚଳିତବର୍ଷ ମୋଟ୍ ୨ ଲକ୍ଷ ୫୩ ହଜାର ୬୨୪ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।

ଉପନିର୍ବାଚନରେ ଦୁର୍ଗମ ଅଞ୍ଚଳର ୫ଟି ସ୍ଥାନରେ ୮ଟି ବୁଥ୍‌ରେ ଭୋଟରଙ୍କ ଯାତାୟାତକୁ ସୁଗମ କରିବା ଲାଗି ହେଲିକପ୍ଟର ବ୍ୟବହାର କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ କହିଛନ୍ତି। ଉପନିର୍ବାଚନ ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

BHK

## କାଳୀପୂଜା ବୈଠକ

ଭଦ୍ରକର ପ୍ରସିଦ୍ଧ କାଳୀପୂଜା ପାଇଁ ପୂଜା କମିଟି ବୈଠକ ଜିଲ୍ଲା ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। କାଳୀପୂଜାକୁ ଚଳିତ ବର୍ଷ ଶୃଙ୍ଖଳିତ, ସୁବ୍ୟବସ୍ଥିତ ଓ ଭବ୍ୟ କରିବା ପାଇଁ ପ୍ରତ୍ୟେକ ପୂଜାମଣ୍ଡପକୁ ୫୦ ହଜାର ଟଙ୍କା  ଲେଖାଏଁ ରାଜ୍ୟ ସରକାର ପ୍ରଦାନ କରିବେ ବୋଲି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ଆସନ୍ତା ୨୧ ତାରିଖରୁ କାଳୀପୂଜା ଆରମ୍ଭ ହୋଇ ୨୯ ତାରିଖରେ ଭସାଣ ହେବ ବୋଲି ବୈଠକରୁ ଜଣାପଡ଼ିଛି।

Ganjam

## ଇଟାଭାଟି- ଶ୍ରମିକ ପିଲା

ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବାହାର ଜିଲ୍ଲା ତଥା ବାହାର ରାଜ୍ୟରୁ ଆସୁଥିବା ଇଟାଭାଟି ଶ୍ରମିକଙ୍କ ପିଲାମାନଙ୍କ ପାଇଁ ପ୍ରାଥମିକ ଶିକ୍ଷା ଯୋଗାଇ ଦେବା ନିମନ୍ତେ କାର୍ଯ୍ୟଖସଡ଼ା ପ୍ରସ୍ତୁତ ହୋଇଛି। ଶ୍ରମ ବିଭାଗ, ଶିକ୍ଷା ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ପ୍ରୟାସରେ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ଋତୁକାଳୀନ ଇଟାଭାଟିଗୁଡ଼ିକରେ ଶ୍ରମ ସନ୍ଧାନରେ ପ୍ରତିବର୍ଷ ଗଞ୍ଜାମକୁ ଆସୁଥିବା ଅଣସଂଗଠିତ ଶ୍ରମିକଙ୍କ ପିଲାମାନେ ଏହାଦ୍ୱାରା ସାକ୍ଷର ହୋଇପାରିବେ ଓ ପ୍ରାଥମିକ ଶିକ୍ଷା ସମାପ୍ତ କରିପାରିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

ଜିଲ୍ଲାର ବିଭିନ୍ନ ସ୍ଥାନରେ ଜାନୁଆରୀରୁ ଜୁଲାଇ ଯାଏଁ  ଇଟାଭାଟି କାମ ଚାଲିଥାଏ। ବିଶେଷକରି ବଲାଙ୍ଗୀର, ବରଗଡ଼, ନୂଆପଡ଼ା ଆଦି ଜିଲ୍ଲା ସହ ଛତିଶଗଡ଼ରୁ ଶତାଧିକ ଇଟାଭାଟି ଶ୍ରମିକ ସେମାନଙ୍କ ପରିବାର ସହ ଗଞ୍ଜାମକୁ ଆସିଥାଆନ୍ତି।  ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ରଙ୍କ ସୂଚନା ଅନୁସାରେ ପ୍ରଶାସନ, ଶିକ୍ଷା ବିଭାଗର ଅଧିକାରୀମାନଙ୍କ ସମେତ ଇଟାଭାଟି ମାଲିକମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ଏବଂ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କରେ ଏକ ଟାସ୍କଫୋର୍ସ ମଧ୍ୟ ଗଠନ କରାଯାଇଛି।

Desk

# ବିପର୍ଯ୍ୟୟ ପ୍ରଶମନ ଦିବସ

ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କରାଯାଉଛି । ବିପର୍ଯ୍ୟୟ ସଂପର୍କିତ ସମସ୍ୟାର ନିରାକରଣ ଓ ପ୍ରଶମନ ଦିଗରେ ସଚେତନତା ସୃଷ୍ଟି ପାଇଁ ଗତ ୨୫ ବର୍ଷରୁ ଅଧିକ ସମୟ ଧରି ଏହି ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି **‘ବିପର୍ଯ୍ୟୟ ନୁହେଁ, ପାଣ୍ଠି ସ୍ଥିରତା’**। ବାରମ୍ବାର ବିପର୍ଯ୍ୟୟ ଘଟୁଥିବାରୁ ଅଧିକ ବ୍ୟୟବହୁଳ ହେବା ସହ ତାହା ବିନାଶକାରୀ ହେଉଛି। ବିପର୍ଯ୍ୟୟ ଖର୍ଚ୍ଚ ବାର୍ଷିକ ପ୍ରାୟ ୨୦୨ ବିଲିୟନ ଡଲାର ବୃଦ୍ଧି ପାଇଛି। ବିପର୍ଯ୍ୟୟ ହ୍ରାସ ଉପରେ ବିଶ୍ୱ ମୂଲ୍ୟାଙ୍କନ ରିପୋର୍ଟ

ଅନୁସାରେ ବିପର୍ଯ୍ୟୟଜନିତ ପ୍ରକୃତ ଖର୍ଚ୍ଚ ପ୍ରାୟ ୨ ଦଶମିକ ୩ ଟ୍ରିଲିୟନ ଡଲାର।

ଦେଶଗୁଡ଼ିକର ଆର୍ଥିକ ବଜେଟ୍ ଏବଂ ଅନ୍ତର୍ଜାତୀୟ ସହାୟତାରେ ବିପର୍ଯ୍ୟୟ ହ୍ରାସର ନିବେଶ ବହୁତ କମ୍ ରହିଛି। ବିପର୍ଯ୍ୟୟ ହ୍ରାସ ସମସ୍ତଙ୍କର ଦାୟିତ୍ୱ। ସେଥିପାଇଁ ଆଜି ପ୍ରସ୍ତୁତ ରହି ଆସନ୍ତାକାଲି ପାଇଁ ସୁରକ୍ଷା ସୁନିଶ୍ଚିତ କରିବା ପ୍ରତ୍ୟେକ ନାଗରିକଙ୍କର ଦାୟିତ୍ୱ ହେବା ଦରକାର।

# ପାଣିପାଗ

ରାଜ୍ୟରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଫେରିବା ପାଇଁ ପାଗ ଅନୁକୂଳ ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଆଦି ଜିଲ୍ଲାରୁ ଆଜି ମୌସୁମୀ ପ୍ରତ୍ୟାବର୍ତ୍ତନ କରିବ।

ଶୁଣନ୍ତୁ ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟ...

ପାଣିପାଗ ବିଭାଗର ସୂଚନା ଅନୁସାରେ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର, ଝାରଖଣ୍ଡ ଏବଂ ଛତିଶଗଡ଼ର କିଛି ଅଞ୍ଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବ। ଚଳିତ ବର୍ଷ ମଇ ମାସ ୨୮ ତାରିଖରେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକୁ ପ୍ରବେଶ କରିଥିଲା। ସ୍ୱାଭାବିକ

ଭାବେ ଦୁଇ ସପ୍ତାହ ପୂର୍ବରୁ ଚଳିତ ବର୍ଷ ମୌସୁମୀ ଓଡ଼ିଶା ଛୁଇଁଥିଲା । ଚଳିତ ବର୍ଷ ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରଭାବ ସ୍ୱାଭାବିକ ଥିଲା । ଜୁନ୍ ପହିଲାରୁ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୧ ହଜାର ୧୫୦ ଦଶମିକ ୨ ମିଲିମିଟର  ସ୍ୱାଭାବିକ ବର୍ଷା ତୁଳନାରେ ୧ ହଜାର ୧୫୦ ଦଶମିକ ୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । କୋରାପୁଟ ଜିଲ୍ଲାରେ ସର୍ବାଧିକ ୧ ହଜାର ୫୮୬ ଦଶମିକ ୧ ମିଲିମିଟର ଏବଂ ପୁରୀ ଜିଲ୍ଲାରେ ସର୍ବନିମ୍ନ ୭୪୫ ଦଶମିକ ୧ ମିଲିମିଟର ବର୍ଷା ହୋଇଥିଲା । ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଝାରସୁଗୁଡ଼ା ଏବଂ କୋରାପୁଟ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ବେଳେ ୨୧ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିଲା । ଚଳିତ ଅକ୍ଟୋବର ମାସରେ ସ୍ୱାଭାବିକ ବର୍ଷା ୫୮ ଦଶମିକ ୯ ମିଲିମିଟର ତୁଳନାରେ ଗତକାଲି ସୁଦ୍ଧା ୧୦୧ ଦଶମିକ ୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଚଳିତ ମୌସୁମୀ ଋତୁରେ ରାଜ୍ୟକୁ ପ୍ରଭାବିତ କରିବା ଭଳି ୧୫ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ସ୍ମୃତିରେଖା ତାରେଣିଆ